# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
## (ଭୂ-ଅର୍ଜନ ବିଭାଗ ରେଳପଥ)

**ବିଜ୍ଞାପନ**

ସଂଖ୍ୟା............................/ ତା................................/

ଓଡିଶା ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନରେ ଉଚିତ୍ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ୍ ୨୦୧୩ ର ଧାରା ୭ର ଉପଧାରା ୧ ମୁତାବକ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା ୦୩.୦୮.୨୦୧୮ ରିଖ ଅପରାହ୍ନ ଘ.୩.୩୦ ମି. ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିଶ ସମ୍ପର୍କୀୟ ବିଜ୍ଞାପନ ଉପରୋକ୍ତ ଆଇନ୍ ର ଧାରା ୧୭ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏତଦ୍ୱାରା ସଂଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ଓଡ଼ିଶା ରାଜ୍ୟ ସରକାର ଏବଂ ଅନୁଗୋଳ ଜିଲ୍ଲାପାଳଙ୍କ ୱେବ ସାଇଟ୍‌ରେ ଉପଲବ୍ଧ ହେବ ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ବିଶେଷଜ୍ଞ ଗୋଷ୍ଠୀ
ଅନୁଗୋଳ

ଜ୍ଞାପକ ସଂଖ୍ୟା ........................./ ତା................................../

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ବିଶେଷଜ୍ଞ ଗୋଷ୍ଠୀ
ଅନୁଗୋଳ

ଜ୍ଞାପକ ସଂଖ୍ୟା ........................./ ତା................................../

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ପାଲଲହଡ଼ା / ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ତାଳଚେର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଲଲହଡ଼ା / ତହସିଲଦାର, ପାଲଲହଡା / ଉପ-ମୂଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବ-ତଟ ରେଳପଥ, ଅନୁଗୋଳଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥଙ୍କୁ ବିଜ୍ଞାପନର ୧୭ କିତା ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନର ଗୋଟିଏ, ଗୋଟିଏ ନକଲ ରେଙ୍ଗାଳମୁଣ୍ଡା, କରଡାପାଳ, ମୁନିପାଳପୁର, ଗୁରୁଣ୍ଡିଆମୁଣ୍ଡା, ପୁରୁଣାପାଣି,ବଡୀଶୁଆଁ, ଝିମିରିପାଲି, ବାଗଦରୀ, ପାଲଲହଡ଼ା, ଦରେଇକଳା, ମୁଚୁରିଗାଡିଆ, ବାଲିପସି, ହାତିଘିଞ୍ଚା, ଫପଣ୍ଡ ଓ ଜୟପୁର ମୌଜାର ଅନ୍ତତଃ ଦୁଇ ଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରି ଜାରିକୃତ ନକଲ ଏହି କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ବିଶେଷଜ୍ଞ ଗୋଷ୍ଠୀ
ଅନୁଗୋଳ

ଜ୍ଞାପକ ସଂଖ୍ୟା ........................./ ତା....................................../

ଏହାର ଏକକିତା ନକଲ ସରପଞ୍ଚ, ଖେମଲା, କରଡାପାଳ, ବଡୀଶୁଆଁ, ଡିମିରିଆ, ନିଜିଗଡ଼ ଓ ବାଲିପସି ଗ୍ରାମ ପଞ୍ଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ବିଶେଷଜ୍ଞ ଗୋଷ୍ଠୀ**
**ଅନୁଗୋଳ**

ଜ୍ଞାପକ ସଂଖ୍ୟା ........................./ ତା....................................../

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ / ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା / ଅନୁଶାସନ ସଚିବ, ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ ଓଡିଶା / ଯୁଗ୍ମ ଶାସନ ସଚିବ, ସାଧାରଣ ପ୍ରଶାସନ ବିଭାଗ, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବ ସାଇଟ୍ ରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ବିଶେଷଜ୍ଞ ଗୋଷ୍ଠୀ**
**ଅନୁଗୋଳ**

ଜ୍ଞାପକ ସଂଖ୍ୟା ........................./ ତା....................................../

ଏହାର ଏକକିତା ନକଲ ସଚିବ ଉତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ, ସମ୍ବଲପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ବିଶେଷଜ୍ଞ ଗୋଷ୍ଠୀ**
**ଅନୁଗୋଳ**

ଜ୍ଞାପକ ସଂଖ୍ୟା ୫୨୬ (୭) / ତା. ୧୦.୦୮.୨୦୧୮

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ ବୋର୍ଡ / ଏନ୍. ଆଇ. ସି. ଅନୁଗୋଳଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲପାଳ ଅନୁଗୋଳଙ୍କ ୱେବ ସାଇଟ୍‌ରେ ତୁରନ୍ତ ପ୍ରକାଶନ କରିବେ ।

**ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ ବିଶେଷଜ୍ଞ ଗୋଷ୍ଠୀ**
**ଅନୁଗୋଳ**

**ଭୂମି- ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଛତା ପ୍ରତି ଅଧିକାର ଆଇନ-୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ପ୍ରସ୍ତାବିତ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ପାଇଁ ସାମାଜିକ ପ୍ରଭାବ ଆକଳନ ପ୍ରସ୍ତୁତି କରଣ ତଥ୍ୟ ପ୍ରକାଶନର ବିବରଣୀ ର ମୂଲ୍ୟାୟନ ନିମିତ୍ତ ଗଠିତ ଏକ ସ୍ୱାଧିନ ଏବଂ ଶୃଙ୍ଖଳିତ ବିଶେଷଜ୍ଞ ଗୋଷ୍ଠୀ ର ତା ୦୩.୦୮.୨୦୧୮ ରିଖ ଅପରାହ୍ନ ୩.୩୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନୁଗୋଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକ ବିବରଣୀ ।**

ଅଦ୍ୟ ତା ୦୩.୦୮.୨୦୧୮ ରିଖ ଅପରାହ୍ନ ୩ ଘଟିକା ୩୦ ମିନିଟ୍ ସମୟରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଭୂମି-ଅଧିଗ୍ରହଣ ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଛତ ପ୍ରତି ଅଧିକାର ଆଇନ- ୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ ପ୍ରସ୍ତାବିତ ତାଳଚେର-ବିମଳାଗଡ ନୂତନ ଓସରିଆ ରେଳପଥ ପ୍ରକଳ୍ପ ନିର୍ମାଣ ପାଇଁ ସାମାଜିକ ପ୍ରଭାବ ଆକଳନ ପ୍ରସ୍ତୁତି କରଣ ତଥ୍ୟ ପ୍ରକାଶନର ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଏକ ସ୍ୱାଧିନ ଏବଂ ଶୃଙ୍ଖଳିତ ବିଶେଷଜ୍ଞ ଗୋଷ୍ଠୀର ବୈଠକ ଅତିରିକ୍ତ ଜିଲ୍ଲାପାଳ ଆନୁଗୋଳଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା ଏଥିରେ ନିମ୍ନଲିଖିତ ସଦସ୍ୟ ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

| | |
|---|---|
| ୧. ଶ୍ରୀଯୁକ୍ତ ତପନ କୁମାର ଶତପଥୀ | - ଅତିରିକ୍ତ ଜିଲ୍ଲାପାଳ ଅନୁଗୋଳ ଅଧକ୍ଷ । |
| ୨. ଶ୍ରୀଯୁକ୍ତ ଅଜିତ୍ କୁମାର ପ୍ରଧାନ | - ଉପଜିଲ୍ଲାପାଳ, ପାଳଲହଡା ତଥା ପ୍ରଶାଷକ (ପୁନର୍ବାସ ଓ ଥଇଥାନ) ଆବାହକ ସଦସ୍ୟ । |
| ୩. ଶ୍ରୀଯୁକ୍ତ ରଞ୍ଜନ କୁମାର ସ୍ୱାଇଁ | - ଉପ-ମୁଖ୍ୟଯନ୍ତ୍ରୀ ପୂର୍ବ-ତଟ ରେଳପଥ, ଅନୁଗୋଳ) ବୈଷୟିକ ବିଶେଷଜ୍ଞ ସଦସ୍ୟ । |
| ୪. ଶ୍ରୀଯୁକ୍ତ ଦୋଳଗୋବିନ୍ଦ ପ୍ରଧାନ | - ସମାଜ ବିଜ୍ଞାନୀ ସଦସ୍ୟ । |
| ୫. ଶ୍ରିଯୁକ୍ତ ହୃଦାନନ୍ଦ ନଏକ | - ସମାଜ ବିଜ୍ଞାନୀ ସଦସ୍ୟ । |
| ୬. ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଦଳପତି | - (ତହସିଲଦାର ପାଳଲହଡ଼ା) ପୁନର୍ବାସ ବିଶେଷଜ୍ଞ ସଦସ୍ୟ । |
| ୭. ଶ୍ରୀଯୁକ୍ତ ବିଷ୍ଣୁଦାସ କୁଣ୍ଡୁ | - (ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତାଳଚେର-ବିମଳାଗଡ ନୂତନ ଓସାରି ରେଳପଥ, ତାଳଚେର) ପୁନର୍ବାସ ବିଶେଷଜ୍ଞ ସଦସ୍ୟ । |
| ୮. ଶ୍ରୀଯୁକ୍ତ ବାବୁଲି ନାଏକ | - (ସରପଞ୍ଚ ବାଲିପଶି ପଞ୍ଚାୟତ) ଅଧିକୃତ ପ୍ରତିନିଧି । |
| ୯. ଶ୍ରୀଯୁକ୍ତ ନିରୁପମା ବୋଷ | - (ସରପଞ୍ଚ ନିଜିଗଡ ପଞ୍ଚାୟତ) ଅଧିକୃତ ପ୍ରତିନିଧି । |

ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଏବଂ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ ଏବଂ ପ୍ରସ୍ତାବିତ ରେଳ ପ୍ରକଳ୍ପର ଅର୍ଥନୈତିକ ତଥା ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ଏକ ସ୍ୱାଧିନ ଏବଂ ଶୃଙ୍ଖଳିତ ବେଶେଷଜ୍ଞ ବିଷୟବସ୍ତୁ ସଂପର୍କରେ ସୂଚନା ଦେଇଥିଲେ ।

ତତ୍‌ପରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ତାଳଚେର ପ୍ରକାଶ କରିଥିଲେ ଯେ ଭାରତ ସରକାରଙ୍କ ରେଳବିଭାଗ ଓଡିଶାରେ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ୧୫୩.୯୦୦ କି.ମି ଦୂର ବିଶିଷ୍ଟ ପ୍ରକଳ୍ପ ନିର୍ମାଣ କରିବାକୁ ଯୋଜନା କରିଛନ୍ତି । ଏହି ପ୍ରସ୍ତାବିତ ରେଳଲାଇନ ଆଜିର ଆଲୋଚିତ ହେଉଥିବା ଅନୁଗୋଳ ଜିଲ୍ଲାର ପାଲଲହଡା ତହସିଲ ମଧଦେଇ ଯାଉଅଛି । ଏହା ୧୫ ଗୋଟି ମୌଜା (୬ ଗୋଟି ପଞ୍ଚାୟତ) ମଧ ଦେଇ ଗତି କରୁଅଛି, ଯାହାକି ରେଳପ୍ରକଳ୍ପର ୬୦.୫୦୦ କି.ମି ରୁ ୮୨.୬୫୦ କି.ମି ରେ ସମାପ୍ତ ହୋଇଅଛି । ଏହି ୬ ଗୋଟି ପଞ୍ଚାୟତ ଯଥା-ଖେମଳା, କରଡାପାଳ, ବଡିସୁଆଁ, ଡିମିରିଆ, ନିଜିଗଡ ଏବଂ ବାଲିପଶି ଏହି ରେଳପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଅଛି । ପ୍ରଭାବିତ ହେଉଥିବା ୧୫ ଗୋଟି ମୌଜାର ସାମାଜିକ ପ୍ରଭାବ ଆକଳନ ଅନୁଧାନର କାର୍ଯ୍ୟ କରିବା ପାଇଁ ସରକାରଙ୍କ ଦ୍ୱାରା ସ୍ୱୀକୃତୀପ୍ରାପ୍ତ ସଂସ୍ଥା ନବକୃଷ୍ଣ ଚୌଧୂରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଓଡିଶା କୁ ଦିଆଯାଇଥିଲା । ଉକ୍ତ ସଂସ୍ଥା ଏହି ସର୍ଭେକାର୍ଯ୍ୟ କରିବା ପାଇଁ ମାନବିକ ଅଧିକାର ସାମାଜିକ ମଂଚ ସନ୍ତନଗର ପୂର୍ବକୈଳାଶ, ନୂଆଦିଲ୍ଲୀ କୁ ନିୟୋଜିତ କରିଥିଲା । ମାନବିକ ଅଧିକାର ସାମାଜିକ ମଂଚ ଏହି ସର୍ଭେକାର୍ଯ୍ୟ ସୂଚାରୁ ରୂପେ ସଂପାଦନ କରି ସେମାନଙ୍କର ରିପୋର୍ଟ ପୁସ୍ତିକା ଜିଲ୍ଲାପାଳ ମହୋଦୟ ଏବଂ ଏଥିସହ ସଂପୃକ୍ତ ଅଧିକାରୀ ମାନଙ୍କୁ ପ୍ରଦାନ କରିଥିଲେ । ଆଇନର ୭ ଧାରା ଅନୁସାରେ ମାନବିକ ଅଧିକାର ସାମାଜିକ ମଂଚ ଠାରୁ ପ୍ରାପ୍ତ ରିପୋର୍ଟ ମୂଳେ ପ୍ରତିଟି ପଞ୍ଚାୟତରେ ସେହି ପଞ୍ଚାୟତ ର ସଂପୃକ୍ତ ଥିବା ଗ୍ରାମବାସୀ ମାନଙ୍କୁ ନେଇ ଗୋଟିଏ ଲେଖାଏଁ ଗ୍ରାମ ସଭା କରାଯାଇଥିଲା ।

ଏଥିରେ ସଂପୃକ୍ତ ସ୍ୱତନ୍ତ୍ର ଭୁ-ଅର୍ଜନ ଅଧିକାରୀ, ରେଳବିଭାଗ ଅଧିକାରୀ, ପ୍ରଶାସନର କ୍ଷମତାପ୍ରାପ୍ତ ଅଧିକାରୀ ଏବଂ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ ।ଏହି ସଭାରେ ମାନବିକ ଅଧିକାର ସାମାଜିକ ମଂଚ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରିପୋର୍ଟ ଓ ପ୍ରସ୍ତାବିତ ପ୍ରକଳ୍ପ ବାବଦରେ ପୁଙ୍ଖାନୁପୁଙ୍ଖ

ଆଲୋଚନା କରି ଜନସାଧାରଣଙ୍କର ପ୍ରକଳ୍ପ ବାବଦରେ ମତାମତ ନେବା ସହ ପ୍ରକଳ୍ପ ଦ୍ୱାରା ହରାଉଥିବା ଜମି ବାବଦରେ ସେମାନଙ୍କର ମତାମତ ଓ ଦାବୀ ଗ୍ରହଣ କରାଯାଇଥିଲା ।

ଏହି ସବୁ ସଭାଗୁଡିକର ବିବରଣୀ ରେକର୍ଡ କରି C.D ମଧ୍ୟମରେ ମାନବିକ ଅଧିକାର ସାମାଜିକ ମଂଚ ଦ୍ୱାରା ଜିଲ୍ଲାପାଳ ଓ ଏଥିରେ ସଂପୃକ୍ତ ଥିବା ଅଧିକାରୀ ମାନଙ୍କ ପାଖରେ ଦାଖଲ କରାଯାଇଅଛି । ଏହି ଗ୍ରାମସଭା ମାନଙ୍କରୁ ଉତ୍‌ଥାପିତ ହୋଇଥିବା ଜନ ସାଧାରଣଙ୍କର ଦାବୀ ଓ ମତାମତ ସହିତ ମାନବିକ ଅଧିକାର ସାମାଜିକ ମଂଚ ଦେଇଥିବା ରିପୋର୍ଟକୁ ବିଶେଷଜ୍ଞ କମିଟି ସମ୍ମୁଖରେ ଆଲୋଚନା ପାଇଁ ରଖାଯାଇଥିଲା ।

ଆଲୋଚନାରେ ମତ ପ୍ରକାଶ ପାଇଥିଲା ଯେହେତୁ ସଂପୃକ୍ତ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ହେତୁ ୧୫ ଗୋଟି ମୌଜା ମଧ୍ୟରୁ କୌଣସି ଜନବସତିରେ ବିସ୍ଥାପନ ଅବଶ୍ୟକ ହେଉନାହିଁ ଓ ତତସହିତ ଉପରୋକ୍ତ ୧୫ ଗୋଟି ମୌଜାରୁ ମାତ୍ର ଏ. ୮୫.୦୯୦ ପରିମିତ ବ୍ୟକ୍ତିଗତ ମାଲିକାନାରେ ଥିବା ଚାଷ ଜମି ଆବଶ୍ୟକ ହେଉଅଛି, ସେ କ୍ଷେତ୍ରରେ ସେପରି କୌଣସି ବେଶେଷ ପ୍ରତିକୂଳ ସାମାଜିକ ପ୍ରଭାବ ନାହିଁ । ତେବେ ଜନ ସାଧାରଣଙ୍କର ଆପତ୍ତି ଓ ଦାବିକୁ ବିଚାରକୁ ନିଆଯାଇ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଆଗତ କରାଗଲା ।

୧. ରେଳବିଭାଗ ଏକ ନିର୍ଦ୍ଧୀଷ୍ଟ ପ୍ଲଟରୁ କିଛି ଜମି ଗ୍ରହଣ କରୁବା ପାଇଁ ସେଥିରେ ଥିବା ସ୍ୱଳ୍ପ ବଳକା ଜମିକୁ ରେଳକର୍ତ୍ତୃପକ୍ଷ ଗ୍ରହଣ କରନ୍ତୁ ।

୨. ଜମିର ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଛତା ଅବଲମ୍ୱନ କରିବାସହ ଯେପରି ଚାଷୀ ସର୍ବୋଚ ମୂଲ୍ୟ ପାଇବ ସେଥି ପ୍ରତି ଧ୍ୟାନ ଦିଆଯାଉ ।

୩. ଉପଯୁକ୍ତ ୬ଟି ପଞ୍ଚାୟତର କିଛି ରୟତ ପୂର୍ବରୁ ରେଙ୍ଗାଲି ଯୋଜନାରେ ବିସ୍ଥାପିତ ହୋଇ ପୁନର୍ବାର କଥିତ ରେଳପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା କରାଯାଉ ।

୪. ଉପରୋକ୍ତ ପଞ୍ଚାୟତର କିଛି ରୟତ ତହସିଲିରୁ ପଟ୍ଟା ପାଇ ଜମି ଦଖଲ କରୁଥିଲେ ମଧ୍ୟ ତାହା ଅଦ୍ୟାବଧି ସରକାରୀ ଖାତାରେ ରହିଅଛି । ତାହାଉପରେ ତୁରନ୍ତ ତହସିଲଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ଏ ବାବଦରେ ରେଳକର୍ତ୍ତୃପକ୍ଷଙ୍କୁ ଅବଗତ କରାନ୍ତୁ, ଯାହାଦ୍ୱାରା କି ରେଳକର୍ତ୍ତୃପକ୍ଷ ଅତିରିକ୍ତ ଅଧିଗ୍ରହଣ ପ୍ରସ୍ତାବ ଦେଇପାରିବେ ।

୫. କିଛି ରୟତ ସରକାରୀ ଜାଗାରେ ଦୀର୍ଘଦିନ ଧରୀ ଦଖଲ କରି ଗୁଜୁରାଣ ମେଣ୍ଟାଉଛନ୍ତି । ସେମାନଙ୍କର ଜମି ଯାଉଥିବାରୁ ଜିଲ୍ଲାକର୍ତ୍ତୃପକ୍ଷ ସେମାନଙ୍କ ବାବଦରେ ସ୍ୱତନ୍ତ୍ର ଅନୁଦାନ ର ବ୍ୟବସ୍ଥା କରନ୍ତୁ ।

୬. ଆବଶ୍ୟକ ସ୍ଥଳେ ଗ୍ରାମବାସୀ ମାନଙ୍କ ସହ ଆଲୋଚନା କରାଯାଇ ଯଥା ସ୍ଥାନରେ ପୋଲ, ଗଳାପୋଲ, ରାସ୍ତା , ଖେଳପଡିଆ ଓ ପୋଖରୀ ଇତ୍ୟାଦି ରେଳକର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମାଣ କରାଯାଉ ।

୭. ମୌଜା- ବାଗଦରି ଗ୍ରାମବାସୀଙ୍କ ଦ୍ୱାରା ବ୍ୟବହାର ହେଉଥିବା ସର୍ବସାଧାରଣ ପୋଖରୀ ରେଳପଥ ନିର୍ମାଣ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବାରୁ ରେଳବାଇ ଦ୍ୱାରା ଅନ୍ୟଏକ ପୋଖରୀ ଖନନ କରାଯାଉ ।

୮. ମୌଜା- ଫପଣ୍ଡ ରେ ଅବସ୍ଥିତ ବିଦ୍ୟାଳୟର ଖେଳପଡିଆ ଓ ପୁଷ୍କରଣୀ ରେଳପଥ ନିର୍ମାଣ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବାରୁ ରେଳକର୍ତ୍ତୃପକ୍ଷ ଏ ଦିଗରେ ବିଶେଷ ଧାନ ଦେଇ ଏକ ନୂତନ ଖେଳପଡିଆ ଓ ପୁଷ୍କରଣୀ ନିର୍ମାଣ କରିବାପାଇଁ ବିଶେଷ ଦୃଷ୍ଟି ଦେବେ ।

୯- ରେଳବାଇ ଜାଗାରେ ଯଦି [illegible] କିମ୍ବା [illegible] ମାନଙ୍କ ପାଇଁ କିଛି [illegible] ବ୍ୟବସ୍ଥା ନ ଥାଏ ସେ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ ।

ଶେଷରେ ଏହି ବିଶେଷଜ୍ଞ କମିଟିରେ ମତପ୍ରକାଶ ପାଇଥିଲା ଯେ, ଏହି ପ୍ରକଳ୍ପ ଏକ ଜନହିତକାରୀ ପ୍ରକଳ୍ପ ଅଟେ ଓ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କର ଏହି ପ୍ରକଳ୍ପ ବାବଦରେ କୌଣସି ନକାରାତ୍ମକ ମତାମତ ନାହିଁ । ଯେଉଁ ଅଭିଯୋଗ ଗୁଡିକ ଜନସାଧାରଣଙ୍କ ଦ୍ୱାରା ଆସିଥିଲା ତାହା ଯଥାର୍ଥ ଯୁକ୍ତିଯୁକ୍ତ ଓ ଗ୍ରହଣୀୟ ଅଟେ । ବିଶେଷଜ୍ଞମାନଙ୍କ ଉପରୋକ୍ତ ମତାମତ ଗୁଡିକ ଗ୍ରହଣ କରିବାରେ ମଧ୍ୟ କୌଣସି ଅସୁବିଧା ନାହିଁ । ଏହି ପ୍ରକଳ୍ପ ସାର୍ବଜନିକ ଆଗକୁ ନେବାପାଇଁ ଏହି ୧୪ ଗୋଟି ମୌଜାର ଜମିକୁ ଅଧିଗ୍ରହଣ ଭୂ-ଅର୍ଜନ ଅଧିନିୟମ ଧାରା ୧୧ ଯେପରି ଯଥାଶୀଘ୍ର ପ୍ରକାଶନ ହେବ ସେ ବାବଦରେ ଭୂ-ଅର୍ଜନ ଅଧିକାରୀଙ୍କୁ ମଧ୍ୟ ପରାମର୍ଶ ଦେଇଥିଲେ ।

ଶେଷରେ ଉପଜିଲ୍ଲାପାଳ, ପାଲଲହଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

3/8/18
SPL L.A.O

3/8/18
(Tahasildar, Pallahara)

3/8/18
(Sub Collector, Pallahara)

ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ

Babuli Nayak
Sarapanch, Balutisi GP

Nirupama Bose
(Nizigarh G.P.)

N. Bose
3 8 2018

Head of the Nathi
Social scientist

S. K. Sarangi
Ex. Engr / Rly